# ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

## ସମିତି ସର୍କୁଲାର ନଂ......୦୫...... ତା.୦୨.୦୫.୨୦୧୮

ବିଷୟ - ଖରାଦିନରେ ଦୁଧିଆଳୀ ପଶୁମାନଙ୍କର ଯତ୍ନ ।

ପଶୁର ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଦୁଗ୍ଧ ଉତ୍ପାଦକଙ୍କର ଆୟ ବୃଦ୍ଧି ପାଇଁ ଉନ୍ନତ ମାନର ଷଣ୍ଢର ଶୁକ୍ର, ଉତ୍ତମ ଗୋଖାଦ୍ୟ, ସବୁଜ ଘାସ ଏବଂ ଟୀକାକରଣର ଯେତିକି ଆବଶ୍ୟକ, ସେତିକି ଆବଶ୍ୟକ ଅଛି ପଶୁମାନଙ୍କର ଉତ୍ତମ ପାଳନ ପୋଷଣ ।

ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗରମ ହେତୁ ଦୁଧିଆଳୀ ପଶୁମାନଙ୍କୁ ବହୁତ କଷ୍ଟ ହୋଇଥାଏ । ପଶୁମାନେ ଅସୁସ୍ଥ ହୋଇଯାଆନ୍ତି । ଶରୀରରୁ ଝାଳ ବୁହାଇ ଓ ଜିଭକୁ ବାହାର କରି ଧକେଇ ହୋଇ ଶରୀରକୁ କୌଣସି ପ୍ରକାର ଥଣ୍ଡା ରଖିବାକୁ ଚେଷ୍ଟା କରନ୍ତି, ପଶୁ ଖାଦ୍ୟ ଖାଇପାରେ ନାହିଁ ଓ ଧିରେ ଧିରେ କ୍ଷୀର ଦେବା କମିଯାଏ । ଏଥିପାଇଁ ନିମ୍ନଲିଖିତ ବିଷୟ ଉପରେ ଗୁରୁତ୍ୱ ଦେବା ଉଚିତ୍ ।

୧) ଗଛତଳ ଛାଇରେ ପଶୁମାନଙ୍କୁ ସବୁଠାରୁ ବେଶୀ ଆରାମ ମିଳିଥାଏ । ଦିନ ବେଳା ଯଥା ସମ୍ଭବ ଗାଈମାନଙ୍କୁ ବାହାରକୁ ଚରିବାକୁ ନ ଛାଡ଼ି ଗଛ ମୂଳେ ବାନ୍ଧନ୍ତୁ ।

୨) ଗୁହାଳ ଛାତ ନଡ଼ା ଛପର ହେଲେ ବହୁତ ଭଲ । ଆଜବେଷ୍ଟସ କିମ୍ବା ଜିଙ୍କ ସିଟ୍ ଛପର ଥିଲେ ଏହା ଉପରେ ନଡ଼ା ଛପର କିମ୍ବା ମଧୁମାଳତୀ, ଲାଉ, କଖାରୁ ଆଦି ଲତା/ମଡ଼ାଇ ଦିଅନ୍ତୁ । ଗୁହାଳର ଉଚ୍ଚତା ୧୦ ଫୁଟ ଉଚ୍ଚତା ବିଶିଷ୍ଟ ହେବା ଆବଶ୍ୟକ ।

୩) ଖରାଦିନେ ମଇଁଷି ତଥା ସଙ୍କର ଜାତୀୟ ଗାଈକୁ ଦିନକୁ ଥରେ କିମ୍ବା ଦୁଇ ଥର ଗାଧୋଇବା ଉଚିତ୍ । ଗୋଧୋଇବା ସମୟ ସକାଳ ୯ ଘଟିକା ପୂର୍ବରୁ ଓ ଅପରାହ୍ନ ୪ଟା ପରେ ହେବା ଉଚିତ୍ ।

୪) ଗ୍ରୀଷ୍ମ ଋତୁରେ ପଶୁମାନଙ୍କୁ ଶରୀର ଉପରେ ୨୦ ରୁ ୩୦ ମିନିଟ୍ ବ୍ୟବଧାନରେ ପାଣି ସିଞ୍ଚନ କରିବା ଦ୍ୱାରା ଜଳର ବାଷ୍ପୀକରଣ ହେତୁ ଏମାନଙ୍କୁ ଥଣ୍ଡା ଲାଗିଥାଏ ।

୫) ଶରୀର ତାପମାତ୍ରା ନିୟନ୍ତ୍ରଣ ପାଇଁ ପାଣିର ଯଥେଷ୍ଟ ଉପାଦେୟତା ରହିଛି । ସାଧାରଣତଃ ଗୋଟିଏ ବୟସ୍କ ସୁସ୍ଥ ପଶୁ ଦିନକୁ ହାରାହାରି ୭୫ ରୁ ୮୦ ଲିଟର ପାଣି ପିଇଥାଏ । ଗାଈ ନିକଟରେ ଥିବା ପରିଷ୍କାର ପାଣିକୁଣ୍ଡ ଛାଇତଳେ ରହିବା ଉଚିତ୍ । ଏଥିରେ ପିଇବା ପାଣି ଦିନ ମଧ୍ୟରେ ମଝିରେ ମଝିରେ ଭରି ରଖନ୍ତୁ । ସମୁଦାୟ ପାଣିକୁ ପ୍ରତି ତିନି ଘଣ୍ଟା ଅନ୍ତରରେ ଗାଈକୁ ଦେବାକୁ ପଡ଼େ

୬) ପାଣି ପୋଷକକୁ ଶରୀରର ବିଭିନ୍ନ ଅଂଶରେ ପହଞ୍ଚାଇଥାଏ । ଗ୍ରୀଷ୍ମ ଦିନରେ ଖାଦ୍ୟ ଓ ଚାରା ହଜମ କଷ୍ଟକର ହୋଇଥିବାରୁ ଯଥେଷ୍ଟ ପାଣି ପିଇବା ଦ୍ୱାରା ଏହା ସହଜରେ ହଜମ ହୋଇଥାଏ । ମୂତ୍ର ମାଧ୍ୟମରେ ଅନାବଶ୍ୟକ ଓ ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ । ଏହା ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ ।

୭) ସୁଷମ ଗୋଖାଦ୍ୟ ସହିତ କଞ୍ଚା ଘାସ ଦେବା ଦ୍ୱାରା ଖରାଦିନରେ ପଶୁମାନଙ୍କୁ ସନ୍ତୋଷ ମିଳେ ।

୮) ଅତ୍ୟଧିକ ଗରମ ହେତୁ ପଶୁ ଧକେଇ ହେଲେ ବା ଅଂଶୁଘାତର ଶିକାର ହେଲେ ତୁରନ୍ତ ନିକଟସ୍ଥ ପଶୁଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।

୯) ସମିତି ଏବଂ BMC ସ୍ତରରେ ନିୟମିତ ଦୁଗ୍ଧ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ଅପମିଶ୍ରଣ ପରୀକ୍ଷା ମଧ୍ୟ କରନ୍ତୁ, ଯାହା ଦ୍ୱାରା କି ଦୁଗ୍ଧ ଛିଣ୍ଡିବା ବା ଖଟା ହେବାର ସମ୍ଭାବନା କୁ ଏଡ଼ାଇ ଦିଆଯାଇପାରିବ ।

୧୦) ଦୁଗ୍ଧ କ୍ୟାନ୍‌ଗୁଡ଼ିକୁ ଭଲଭାବରେ ଧୋଇ ବ୍ୟବହାର କରନ୍ତୁ ।

୧୧) BMC କିମ୍ବା D.G Setରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଲେ ଏ ବିଷୟରେ ନିକଟସ୍ଥ ଶାଖା କାର୍ଯ୍ୟାଳୟ ଏବଂ ଶାଖା ପରିଚାଳକ, ଦୁଗ୍ଧ ଶିତଳୀକରଣ ଭଣ୍ଡାର, ବରଗଡ଼ଙ୍କୁ ତୁରନ୍ତ ଜଣାଇ ଏହାର ମରାମତି ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ।

୧୨) ବି.ଏମ୍.ସି. ଟାଙ୍କି, ପାଇପଲାଇନ୍ ଏବଂ ଦୁଗ୍ଧ ସଂଗ୍ରହରେ ବ୍ୟବହୃତ ସମସ୍ତ ଉପକରଣଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

୧୩) ସମିତି ଏବଂ BMC ଗୃହ ପରିସର ଭଲଭାବରେ ସଫାସୁତରା ରଖିବା ସଙ୍ଗେ ସଙ୍ଗେ ଦୁଗ୍ଧ ପରୀକ୍ଷଣ ଯନ୍ତ୍ର ଗୁଡ଼ିକୁ ଭଲ ଭାବରେ ପରିଷ୍କାର କରନ୍ତୁ

୧୪) ଦୁଗ୍ଧ ଚାଷୀ ମାନେ କେବଳ ଷ୍ଟେନ୍ ଲେସ୍ ଷ୍ଟିଲ୍ ଦୁଗ୍ଧ କ୍ୟାନ୍ ବ୍ୟବହାର କରନ୍ତୁଏବଂ ସମିତି ସ୍ତରରେ କେବଳ S.S.ଯନ୍ତ୍ରପାତି ବ୍ୟବହାର କରନ୍ତୁ ।

୧୫) ସମିତିର Centrifuse Machine ସବୁବେଳେ working conditionରେ ରହିବା ଜରୁରୀ ଅଟେ ।

୧୬) ସମିତିରେ କେନାଲ କିମ୍ବା ଅନ୍ୟ କୌଣସି ଉତ୍ସ ର ପାଣି ବ୍ୟବହାର ନ କରି କେବଳ ନଳକୂପ ପାଣି ବ୍ୟବହାର କରନ୍ତୁ ।

୧୭) ସମିତି ଏବଂ BMC ସ୍ତରରେ COB ପରୀକ୍ଷା ନିଶ୍ଚିତରୂପେ କରନ୍ତୁ ।

ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ......55...... ତା.୦୨.୦୫.୨୦୧୮

ନକଲ ପାଇବେ - ୧. ସମସ୍ତ ସମିତି/ସମସ୍ତ ଦୁଗ୍ଧ ମାର୍ଗ ପରିଦର୍ଶକ/ପରିଦର୍ଶିକା/ସମସ୍ତ ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ

ସାଧାରଣ ପରିଚାଳକ